# Akashvani, Sambalpur

## SAMBALPURI NEWS EVENING BULLETIN

**12 December 2024- 7.02 pm- 7.12 pm.**

**********************************************

୧- ରାଏଜେ ଧାନ୍ ସଂଗ୍ରହ କାର୍ଯ୍ୟକ୍ରମ୍‌ର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ ।

- ଏବ୍‌ତକ୍ ୯ ଟା ଜିଲ୍ଲା ନ ଚାଲିଛେ ଧାନ୍ ଘିନା ।

୨- ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ବେଡ଼୍‌ମିଂଟନ୍ ହାଇ ପର୍‌ଫର୍‌ମାନ୍ସ ସେଂଟର୍‌କେ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

୩- ଆଏବା ୧୬ ତାରିଖ୍ ଦିନ ଭୁବ୍‌ନେଶ୍ୱର୍ ନ ହେବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ।

ଆଉର୍

୪- ପୁରୀ ଶ୍ରୀମନ୍ଦିର୍ ନ ଚାଲିଛେ ମାହାପୁରୁଙ୍କର୍ ବନକଲାଗି ନୀତି ।

ମୁଖ୍ୟମନ୍ତ୍ରୀ- ନୂଆଁ ସର୍କାର୍ଙ୍କର୍ ୬ ମାସ୍ ପୂର୍ତି ସିଏମ୍ ଟ୍ୱିଟର୍

ରାଜ୍ୟର୍ ନୂଆଁ ସର୍କାର୍କେ ଆଏଜ୍ ୬ ମାସ୍ ପୁରିଛେ । ଇ ଉଧେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଏଜେ ଧାନ୍ ସଂଗ୍ରହ କାର୍ଯ୍ୟକ୍ରମ୍ର ସମୀକ୍ଷା କରି କରି କହିଛନ୍ ଯେ, ୮ ଶହ ଟଙ୍କା ଇନ୍ପୁଟ୍ ସାହାଜ୍ଥି ଧାନ୍ ଘିନ୍ବାର୍ କାର୍ଯ୍ୟକ୍ରମ୍ଥି ରାଜ୍ୟର୍ ୧୭ ଲାଖ୍ନୁ ଅଏତ୍କା ଚାଷୀ ଲାଭ୍ ପାଏବେ । ଇହାଦେ ବର୍ଗଡ଼୍, ନୂଆପଡ଼ା, କଲାହାଣ୍ଡି, ସମ୍ବଲ୍ପୁର୍, ବଲାଙ୍ଗିର୍, ଝାର୍ସୁଗୁଡ଼ା, ନବରଙ୍ଗ୍ପୁର୍, ସୁବର୍ଣ୍ଣପୁର୍ ଆର୍ କୋରାପୁଟ୍ ଜିଲ୍ଲା ନ ଧାନ୍ ଘିନା ମୁଲ୍ ହେଇଛେ । ଆଏଜ୍ତକ୍ ଇ ୯ ଟା ଜିଲ୍ଲା ନ ୩୭ ହଜାର୍ ଅଣାଅଶୀ ଝନ୍ ଚାଷୀ ୧ ଲାଖ୍ ୮୧ ହଜାର୍ ଶହେ ୯୬ ମେଟ୍ରିକ୍ ଟନ୍ ଧାନ୍ ବିକିଛନ୍ । ଇ ଚାଷୀମାନ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଭାବେ ୩ ଶହ ୨୩ କୋଟି ୭୩ ଲାଖ୍ ଟଙ୍କା ଆର୍ ଇନ୍ପୁଟ୍ ସହାୟତା ଭାବେ ଶହେ ୧୨ କୋଟି ୬୧ ଲାଖ୍ ଟଙ୍କା ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ବେଡ଼ମିଂଟନ୍ ହାଇ ପରଫର୍ମାନ୍ସ ସେଂଟର/ଆର୍ଏନ୍ୟୁ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ବେଡ଼ମିଂଟନ୍ ହାଇ ପରଫର୍ମାନ୍ସ ସେଂଟର୍ର

ଆଏଜ୍ ଉଦ୍ଘାଟନ୍ କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ତାଙ୍କର୍ ସର୍କାର୍ ଆସ୍ବାର୍ ଉତ୍ରୁ କ୍ରୀଡ଼ାର ଭିତିଭୂମି ଆଉ ଖେଲାଲୀମାନ୍କୁ ତହଁକାବାର୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଇଛନ୍ । ସେନ୍ତା ଦେଶେ ବେଡ଼ମିଂଟନ୍ ଖେଲ୍ ଆର୍ ଖେଲାଲୀମାନ୍କର୍ ବିକାଶ୍ଥି ବେଡ଼ମିଂଟନ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ବଡ଼ ଭୂମିକା ରହିଛେ । ଆମର୍ ବେଡ଼ମିଂଟନ୍ ଖେଲାଲିମାନେ ଅଲମ୍ପିକ୍ ଆର୍ ଭିନ୍ ଭିନ୍ ଆନ୍ତର୍ଜାତୀୟ ମେଚ୍ଥି ଖେଲିକରି ପଦକ୍ ଜିତିକରି ଗୌରବ୍ ଆନିଛନ୍ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ଇ କାର୍ଯ୍ୟକ୍ରମ୍ଥି ଭାରତ୍ ବେଡ଼ମିଂଟନ୍ ସଂଘର ସଭାପତି ତଥା ଆସାମ୍ର ମୁଖ୍ୟମନ୍ତ୍ରୀ ଡକ୍ଟର୍ ହିମନ୍ତ ବିଶ୍ୱଶର୍ମା, ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଆର୍ ଅଲ୍ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

କମିଶନରେଟ୍ ପୁଲିସ୍- ଇଆର୍ଏସ୍ଏସ୍ ସିଏମ୍ଓ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ କଟକ୍, ଭୁବ୍ନେଶ୍ୱର୍ କମିଶନରେଟ୍ ପୁଲିସ୍ ଲାଗି ୩୦ ଟା ଜରୁରୀକାଳୀନ ପ୍ରତିକ୍ରିୟା ସହାୟତା ପ୍ରଣାଳୀ- ଇଆର୍ଏସ୍ଏସ୍ ଗାଡ଼ି ଲୋକାର୍ପଣ୍ କରିଛନ୍ । ଇ ଗାଡ଼ି ସବୁ ଜରୁରୀ ପରିସ୍ଥିତିଥି ପୁଲିସ୍କେ ତୁରନ୍ତ କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ସାହାଜ୍

କର୍‌ବା । ୩୦ ଟା ଗାଡ଼ି ଭିତ୍‌ରୁ ୨୨ ଟା ଗାଡ଼ି ଭୁବ୍‌ନେଶ୍ୱର୍ ସହରେ ଚାଲ୍‌ବା ଆର୍ ୮ ଟା କଟକ୍ ସହରେ କାମ୍ କର୍‌ବା । ପୁଲିସ୍ କମିଶନରେଟ୍ କାର୍ଯ୍ୟାଳୟ ନ ହେଇଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ଯେ, ଇ ଗାଡ଼ି ମାନେ ସାଧାରଣ୍ ଗାଡ଼ି ନୁହେଁ, ଇଟା ସବୁ ସୁରକ୍ଷା ରଥ ଆଏ । ଇ ଗାଡ଼ି ଗଡ୍‌ବାର୍ ସହେତେ ଲୁକେ ନ୍ୟାୟ ପାଏବେ ଆର୍ ସେମାନ୍‌କର୍ ଆତ୍ମବିଶ୍ୱାସ୍ ବଡ୍‌ବା ବଲି ଶ୍ରୀ ମାଝୀ କହିଛନ୍ । ଇ ଅବ୍‌ସରେ ପୁଲିସ୍ ବାହିନୀକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଗୃହ ବିଭାଗ୍‌ଥି ପାଖାପାଖି ୧୦ ହଜାର୍ ପଦ୍‌ବୀ ପୂରଣ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ । ଖାଲି ଥିବା ୨ ହଜାର୍ ୪ ଶହ ୧୬ ଟା ପଦ୍‌ବୀ ଆର୍ ନୂଆଁ ୨ ହଜାର୍ ୫ ଶହ ୮୪ ଟା ପଦ୍‌ବୀ ସଙ୍ଗେ ୫ ହଜାର୍ ଗୃହରକ୍ଷୀ ପଦ୍‌ବୀ ପୂରଣ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ଇତାର୍‌ସଙ୍ଗେ ଗୃହରକ୍ଷୀ ମାନ୍‌କର୍ ଦିନକିଆ ଭତା ବଢ଼ାବାର୍‌କେ ସର୍‌କାରୀ ସ୍ତର୍‌ଥି ନିଷ୍ପତି ନିଆଯାଇଛେ ।

ଜନଅଭିଯୋଗ୍ ଶୁଣାଣି          ସିଏମ୍‌ଓ

ଆଏବା ଡିସେମ୍ବର୍ ୧୬ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ୟୁନିଟ୍ -୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି

ପ୍ରକୋଷ୍ଠ ଠାନେ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ହେବା । ଗଲା ଅକ୍ଟୋବର୍ ମାସ ୨୮ ତାରିଖ୍ଥି ମୁଖ୍ୟମନ୍ତ୍ରୀଙ୍କୁ ଭେଟିକରି ଅଭିଯୋଗ୍ କର୍ବାର୍ ଲାଗି ଯେନ୍ମାନେ ଆଘୋନୁ ପଞ୍ଜିକରଣ୍ କରିଥିଲେ ଇ ଶୁଣାଣି ଖାଲି ସେମାନ୍କର୍ ଲାଗି ଆଏ ଆଉ ଇଥିର୍ଲାଗି ଫେର୍ଘାଏ ପଞ୍ଜିକରଣ୍ କର୍ବାର୍କେ ନାଇଁ ପଡ଼େ । ଇ ବାବ୍ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଇଂଟର୍ନେସ୍ନାଲ୍ ବିଚ୍ କାର୍ନିଭାଲ୍ ଉଦ୍ଯାପିତ        ପୁରୀ

ପୁରୀ ସ୍ୱର୍ଣ୍ଣାଭ ବେଳାଭୂମି ନ ୩ ଦିନ୍ ଧରିକରି ଚାଲିଥିବା ଇଂଟର୍ନେସ୍ନାଲ୍ ବିଚ୍ ଆଣ୍ଡ ଓସିଆନ୍ ସ୍ପୋର୍ଟସ୍ କାର୍ନିଭାଲ୍ ଆଏଜ୍ ଉଦ୍ଯାପିତ ହେଇଛେ । ଇ ଉଧେ ମୁଖ୍ୟଅତିଥି ଭାବେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍ ଦେଇକରି ଆଗ୍କେ ସାମୁଦ୍ରିକ କ୍ରୀଡ଼ା ପ୍ରତିଯୋଗିତାକେ ଓଡ଼ିଶାନେ ଲୋକପ୍ରିୟ କର୍ବାର୍ ସଙ୍ଗେ ଅଏତ୍କାନୁ ଅଏତ୍କା କ୍ରୀଡ଼ାବିତ୍ ସୃଷ୍ଟି କର୍ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ୨୦୩୨ ଅଲମ୍ପିକ୍ସ୍ଥି  ବିଚ୍ ଆଣ୍ଡ ଓସିଆନ୍ ସ୍ପୋର୍ଟସ୍ ଜାଗା ପାଇଥିବାର୍ ବେଲେ ଏବେଠାନୁ ରାଜ୍ୟର୍ ପ୍ରସ୍ତୁତି ମୁଲ୍ କର୍ବାର୍ ଜରୁରୀ ବଲି କ୍ରୀଡ଼ାମନ୍ତ୍ରୀ କହିଛନ୍ । ସେନ୍ତା ସମୁଦ୍ରଖଁଡ଼ି ଇଲାକା ନ ଲୁକ୍କର୍ ଜୀବନ୍ ବଁଚଉଥିବା

ମସ୍ୟଜୀବୀମାନ୍‌କର୍ ପ୍ରୋସ୍ଥାହନ୍ ଲାଗି ସବୁ ସହଯୋଗ୍ କରାଯିବା ବଲି ମନ୍ତ୍ରୀ କହିଛନ୍ ।

ନଗଦ ବିହୀନ ଚିକିସ୍ଥା ଯୋଜ୍‌ନା ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶେ ଦୁର୍ଘଟଣାଥି ପଡୁଥିବାର୍ ଲୋକ୍‌ମାନ୍‌କର୍ ଲାଗି ନଗଦ ବିହୀନ ଚିକିସ୍ଥା ଯୋଜ୍‌ନା ଖୋବ୍ ଜଲ୍‌ଦି ମୁଲ୍ କରାଯିବା ବଲି କେନ୍ଦ୍ର ସଡ଼କ୍ ପରିବହନ୍ ଆର୍ ରାଜ୍‌ପଥ୍ ମନ୍ତ୍ରୀ ନିତିନ୍ ଗଡ଼୍‌କରୀ କହିଛନ୍ । ଆଏଜ୍ ଲୋକ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ଇହାଦେ ୬ ଟା ରାଏଜେ ଚାଲିଥିବା ଇ ଯୋଜ୍‌ନାକେ ଖୋବ୍ ଜଲ୍‌ଦି ଉତର୍‌ପ୍ରଦେଶ୍‌ନୁ ମୁଲ୍ କରାଯିବା ଆର୍ ପଛେ ଇତାକେ ସାରା ଦେଶେ ଲାଗୁ କରାଯିବା । ଇ ଯୋଜ୍‌ନା ଅଧୀନ୍‌ଥି ସଡ଼କ୍ ଦୁର୍ଘଟଣାଥି ପଡୁଥିବା ଲୋକ୍‌ମାନ୍‌କୁ ପାଖାପାଖି ଦେଢ଼୍ ଲାଖ୍ ଟଙ୍କାତକ୍ ନଗଦ୍ ବିହୀନ୍ ଚିକିସ୍ଥାର୍ ସୁବିଧା ଯୁଗେଇ ଦିଆଯିବା । ବଢୁଥିବା ସଡ଼କ୍ ଦୁର୍ଘଟଣା ଲାଗି ଚିନ୍ତାବ୍ୟକ୍ତ କରିକରି ମନ୍ତ୍ରୀ ଶ୍ରୀ ଗଡ଼୍‌କରୀ ଜିଲ୍ଲାସ୍ତର୍ ନ ଦୁର୍ଘଟଣା ପ୍ରତିରୋଧ୍ ସମିତି ଗଠନ୍ କର୍‌ବାର୍ ଲାଗି ସଭ୍ୟମାନ୍‌କୁ ଅନୁରୋଧ୍ କରିଛନ୍ ।

ବନକଲାଗି ନୀତି		ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ମଗ୍‌ଶିର୍ ମାସ୍ ଉଜଲ୍‌ପଖର୍ ଦ୍ୱାଦଶୀ ତିଥିଥି ଆଏଜ୍ ଶ୍ରୀବିଗ୍ରହମାନ୍‌କର୍ ବନକଲାଗି ନୀତି ଚାଲିଛେ । ଇଥିର୍‌ଲାଗି ଦ୍ୱିତୀୟ ଭୋଗ ମଣ୍ଡପ୍ ଶେଷ୍ ହେବାର୍ ଉତ୍‌ରୁ ସଞ୍ଝର୍ ୬ ବଜେନୁ ମାହାପୁରୁମାନ୍‌କର୍ ଦର୍ଶନ୍ ବନ୍ଦ୍ ରହିଛେ । ହେଲେ ଇ ନୀତି ସର୍‌ବାର୍ ଉତ୍‌ରୁ ମହାପ୍ରଭୁ ମାନ୍‌କର୍ ମହାସ୍ନାନ କରାଯିବା ଆର୍ ସର୍ବସାଧାରଣ ଦର୍ଶନ୍ ମୁଲ୍ ହେବା ।

ବ୍ୟଞ୍ଜନ୍ ଦ୍ୱାଦଶୀ		ଆର୍‌ଏନ୍‌ୟୁ/ କଟକ୍/ ସୁବର୍ଣ୍ଣପୁର୍

ଆଏଜ୍ ପବିତ୍ର ମଗ୍‌ଶିର୍ ମାସର୍ ଉଜଲ୍‌ପଖର୍ ଦ୍ୱାଦଶୀ ତିଥି । ଆଝିର୍ ଦିନେ ମା’ ଯଶୋଦା ତାଙ୍କର୍ ପୁଓ ଶ୍ରୀକୃଷ୍ଣଙ୍କର୍ ଲାଗି ଭିନ୍ ଭିନ୍ ପ୍ରକାରର୍ ବ୍ୟଞ୍ଜନ୍ ତିଆର୍ କରିଥିଲେ ।

ଇ ଅବ୍‌ସରେ ଆଏଜ୍ ପୁରୀର୍ ଗୌରବିହାର୍ ଆଶ୍ରମ୍ ଠାନେ ବ୍ୟଞ୍ଜନ୍ ଦ୍ୱାଦଶୀ ପାଲନ୍ କରାଯାଉଛେ । ଦିନ୍‌ବେଲା ରାଧାକୃଷ୍ଣଙ୍କର୍ ଠାନେ ପାଖାପାଖି ୮ ଶହ ୫୧ ପ୍ରକାରର୍ ବ୍ୟଞ୍ଜନ୍ ଭୋଗ ଲଗାଯାଇଥିଲା । ଏତ୍‌କି ପ୍ରକାରର୍ ବ୍ୟଞ୍ଜନ୍ ପ୍ରସ୍ତୁତ୍ କର୍‌ବାର୍‌ଥି ପୁରୀର୍ ଇ ଆଶ୍ରମ୍‌ର ବହୁତ୍ ନାଁ ରହିଛେ ।

ସେନ୍ତା ସୁବର୍ଣ୍ଣପୁର୍ ଜିଲ୍ଲା ପାତାଳି ଶ୍ରୀକ୍ଷେତ୍ର ସହେତେ ବୀର୍‌ମହାରାଜ୍‌ପୁର୍ ଅନ୍ତର୍ଗତ ବଡ଼ଖମାର ଗାଁର୍ ଶ୍ୟାମସୁନ୍ଦର କୁଞ୍ଜକୁଟୀର ନ ଆଏଜ୍ ବ୍ୟଞ୍ଜନ ଦ୍ୱାଦଶୀ ପାଲିତ୍ ହେଇଯାଇଛେ । ଖମାର ମଠର ଆରାଧ୍ୟ ରାଧାକୃଷ୍ଣଙ୍କର୍ ପାଖେ ଶହେ ୫୬ ପ୍ରକାରର ବ୍ୟଞ୍ଜନ ଭୋଗ ଲଗାଯାଇଥିଲା । ଇ ଅବ୍‌ସରେ ଆଏଜ୍ ହଜାର୍ ହଜାର୍ ଶ୍ରଦ୍ଧାଳୁଙ୍କର୍ ସମାଗମ୍ ହେଇଥିଲା ।

ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ନେତାଜୀ ସୁଭାଷ ଚନ୍ଦ୍ର ବୋଷ୍ କଲେଜ୍ ନ ଜିଲ୍ଲାସ୍ତରୀୟ ଯୁବଉତ୍ସବ୍ -୨୦୨୪ ଅନୁଷ୍ଠିତ୍ ହେଇଯାଇଛେ । ଇଥି ଜିଲ୍ଲାର୍ ଭିନ୍ ଭିନ୍ କଲେଜ୍‌ର ଛାତ୍ରଛାତ୍ରୀ ଯୋଗ୍ ଦେଇକରି ନିଜର୍ ପ୍ରତିଭା ଦେଖେଇଛନ୍ । ନେହେରୁ ଯୁବକେନ୍ଦ୍ର ଆର୍ ଭାରତ୍ ବିକାଶ୍ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍‌ର କୃତି ଛାତ୍ରଛାତ୍ରୀ ରାଜ୍ୟସ୍ତର୍‌କେ ମନୋନୀତ୍ ହେବେ । ଇଥି ଆଏଜ୍ ଚିତ୍ରାଙ୍କନ, ବିତର୍କ, ନାଚ୍ ପ୍ରତିଯୋଗିତା ହେଇଥିଲା । ଇ କାର୍ଯ୍ୟକ୍ରମ୍‌କେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଉଦ୍‌ଘାଟନ୍ କରିଥିଲେ ।

ସେଭ୍ ଏଲିଫେଂଟ୍ ଫାଉଣ୍ଡେସନ I&PR

ହାତୀମାନ୍‌କର୍ ସୁରକ୍ଷା ଆଉ ସଂରକ୍ଷଣ୍ ଲାଗି ସେଭ୍ ଏଲିଫେଂଟ୍ ଫାଉଣ୍ଡେସନ୍ ଲଗାତାର୍ ଚେଷ୍ଟା ଜାରି ରଖୁ ବଲି ଜଙ୍ଗଲ୍, ପରିବେଷ୍ ଆର୍ ଜଲବାୟୁ ପରିବର୍ତନ୍ ମନ୍ତ୍ରୀ ଶ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ କହିଛନ୍ । ସେଭ୍ ଏଲିଫେଂଟ୍ ଫାଉଣ୍ଡେସନ୍‌ର ସ୍ୱନକ୍ଷତ୍ର ଦିବସ୍ ପାଲନ୍ ଅବ୍‌ସରେ ଭୁବ୍‌ନେଶ୍ୱର୍‌ର ଜୟଦେବ୍ ଭବନ୍ ଠାନେ ଆୟୋଜିତ 'ପରିବର୍ତିତ ପରିସ୍ଥିତିରେ ହାତୀ ସଂରକ୍ଷଣ ଆହ୍ୱାନପୂର୍ଣ୍ଣ' ଶୀର୍ଷକ କର୍ମଶାଲାଥି ଯୋଗ୍ ଦେଇକରି ମନ୍ତ୍ରୀ କହିଛନ୍ ଯେ, ହାତୀମାନ୍‌କର୍ ସୁରକ୍ଷା ନିରାପତା ଆର୍ ସଂରକ୍ଷଣ୍ ଲାଗି ବନ ବିଭାଗ୍‌କେ ସାହାଜ୍ କର୍‌ବାର୍ ଉଦ୍ଦେଶ୍ୟଥି ସେଭ୍ ଏଲିଫେଂଟ୍ ଫାଉଣ୍ଡେସନ ଟ୍ରଷ୍ଟ ଥାପ୍‌ନା କରାଯାଇଥିଲା ।

ଖାଦ୍ୟ ମହୋତ୍ସବ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା କେଶ୍‌ରାଜ୍‌ପୁର୍ ଆଦର୍ଶ ବିଦ୍ୟାଲୟ ଠାନେ ଆଏଜ୍ ଖାଦ୍ୟ ମହୋତ୍ସବ୍ ପାଲିତ୍ ହେଇଯାଇଛେ । ବିଦ୍ୟାଲୟର୍ ଅଧ୍ୟକ୍ଷ ଚିତରଞ୍ଜନ୍ ମଟାରୀଙ୍କର୍ ନେତୃତ୍ୱଥି ଅନୁଷ୍ଠିତ୍ ଇ କାର୍ଯ୍ୟକ୍ରମ୍‌ଥି ଛାତ୍ରଛାତ୍ରୀମାନେ ଭିନ୍ ଭିନ୍ ରକମ୍‌ର ଖାଏବାର୍ ଦରବ୍ ପ୍ରଦର୍ଶିତ୍ କରିଥିଲେ ।

ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର୍ ମୁକ୍ତ ବିଜ୍‌ଲି ଯୋଜ୍‌ନା

ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ଥିବା ବିଦ୍ୟୁତ୍ ବିଭାଗ୍ କାର୍ଯ୍ୟାଳୟ ନ ପ୍ରଧାନ୍‌ମନ୍ତ୍ରୀ ସୂର୍ଯ୍ୟଘର୍ ମୁକ୍ତ ବିଜ୍‌ଲି ଯୋଜ୍‌ନା ବାବ୍‌ଦେ ଗୁଟେ ସଚେତନତା କର୍ମଶାଳା ଅନୁଷ୍ଠିତ ହେଇଯାଇଛେ । ଇ କର୍ମଶାଳାଥି ବିଦ୍ୟୁତ୍ ବିଭାଗ୍  ଅଧିକ୍ଷଣ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା ଯୋଗ୍ ଦେଇକରି ସବୁଜ ଶକ୍ତିର ଆଧାର୍‌ଥି ସୌରଶକ୍ତିର୍ ବେଭାର୍ କରିକରି ନିଜେ ଆର୍ ନିଜର୍ ଦେଶ୍‌କେ ସୁରକ୍ଷା ଦେବାର୍ ଦିଗେ ସହାୟକ ହେବା ବଲି କହିଥିଲେ ।

ବୌଦ୍ଧ- ଯୋଗ କାର୍ଯ୍ୟକ୍ରମ୍            ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ଏଏନ୍‌ଏମ୍ ତାଲିମ୍ କେନ୍ଦ୍ର ନ ଆଏଜ୍ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଦିବସ୍ ଅବ୍‌ସରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗୁଟେ ଯୋଗ ଶିବିର ଉଦ୍‌ଘାଟନ୍ କରିଛନ୍ । ଇ ଶିବିର୍‌ଥି ଅତିଥି ମାନେ ଯୋଗ୍ ଦେଇକରି ଅଷ୍ଟାଙ୍ଗ ଯୋଗ ଅଭ୍ୟାସ୍ କର୍‌ବାର୍‌ନୁ ଶରୀର୍‌ଥି ଥିବା ଅଷ୍ଟଚକ୍ରକେ ସକ୍ରିୟ ରଖାଯାଇପାର୍‌ବା ବଲି କହିଛନ୍ । ଇ କାର୍ଯ୍ୟକ୍ରମ୍‌ଥି ଏଏନ୍‌ଏମ୍ ତାଲିମ୍ କେନ୍ଦ୍ର ନ ପଢୁଥିବା ଛାତ୍ରୀ ଆର୍ ସ୍ୱାସ୍ଥ୍ୟ

ବିଭାଗ୍ ନ କାମ୍ କରୁଥିବା ସବୁ ଅଧିକାରୀ ଆର୍ କର୍ମଚାରୀ ଯୋଗ୍ ଦେଇକରି ଯୋଗାଭ୍ୟାସ୍ କରିଥିଲେ ।

ଗୀତା ଜୟନ୍ତୀ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଗୀତା ପରିବାର୍ ତର୍ଫୁ ଶ୍ରୀଚନ୍ଦ୍ରଚୂଡ଼ ମନ୍ଦିର୍ ଆର୍ ମହାନଦୀ ଆଲ୍‌ତୀ ଘାଟ୍ ପରିସର୍ ନ ଗୀତା ଜୟନ୍ତୀ ଅନୁଷ୍ଠିତ୍ ହେଇଯାଇଛେ । ଇଥି ସହରର୍ ଭିନ୍ ଭିନ୍ ବିଦ୍ୟାଲୟର୍ ଛାତ୍ରଛାତ୍ରୀମାନେ ଯୋଗ୍ ଦେଇକରି ଗୀତା ଆବୃତି କରିଥିଲେ । ଇ ଅବ୍‌ସରେ ସବୁ ପ୍ରତିଯୋଗୀମାନ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନା-ମୁଖ୍ୟମନ୍ତ୍ରୀ/ଆର୍‌ଏନ୍‌ୟୁ ସମ୍ବଲପୁର

ଅନୁସୂଚିତ ଜାତି ଆଉ ଜନଜାତି ଛାତ୍ରଛାତ୍ରୀମାନ୍‌କର୍ ଶିକ୍ଷା ଲାଗି ଆରମ୍ଭ୍ ହେବାର୍‌କେ ଥିବାର୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନା ଇ ମାସର୍ ୩୧ ତାରିଖ୍‌ନୁ ମୁଲ୍ ହେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଶ୍ରୀ ମାଝୀ କହିଛନ୍ ଯେ, ମାଧୋ ସିଂଙ୍କର୍ ଶହୀଦ୍ ଦିବସ୍‌ଥି ତାଙ୍କର୍ ଜନ୍ମସ୍ଥାନ୍ ବର୍‌ଗଡ୍‌ନୁ ଇ ଯୋଜ୍‌ନା ମୁଲ୍ ହେବା । ଇ

ଯୋଜନାରେ ୩ ଲାଖ୍ ଅନୁସୂଚିତ ଜାତି ଆଉ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀ ଲାଭ୍ ପାଏବେ । ଯୋଜନାରେ ୯ ଆଉ ୧୦ କ୍ଲାସ୍‌ର ଛାତ୍ରଛାତ୍ରୀମାନ୍‌କୁ ବଛର୍‌କ ୫ ହଜାର୍ ଟଙ୍କା ଦିଆଯିବା । ଇ ଯୋଜନା ଲାଗି ଶହେ ୫୬ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଶୀତର୍ ପ୍ରଭାବ୍ ଫେର୍‌ଘାଏ ବଢ଼ିଛେ । ଗଲାକାଏଲ୍ ୧୩ ଟା ସହରର୍ ରାତିର୍ ସବୁନୁ କମ୍ ତାପମାତ୍ରା ୧୫ ଡିଗ୍ରୀନୁ ତଲେ ରହିଥିଲା । ଝାର୍‌ସୁଗୁଡ଼ାର୍ ସର୍ବନିମ୍ନ ତାପମାତ୍ରା ୧୦ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିବାର୍ ବେଲେ କେନ୍ଦୁଝର୍ ନ ୧୨ ଦଶ୍‌ମିକ୍ ୪ ଆର୍ ଦାରିଙ୍ଗ୍‌ବାଡ଼ି ନ ୧୩ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।